NEW LINK TO MEDIA # 6A

**WPC PIL 30556/2021 FILED IN HON'BLE HIGH COURT OF ORISSA IN THE MATTER OF ILLEGAL COW CHALLAN/TRANSPORT**

**PRAMEYA 30 09 2021 PAGE 3**

http://epaper.prameyanews.com/m/585167/615520f5bb561

**Date 30 Sep, 2021 - Cuttack - 03**

# ହଜିଯିବେ ସ୍ୱତନ୍ତ୍ର ମଇଁଷି 'ମଣ୍ଡା'

## ବର୍ଷକୁ ୬ ହଜାରରୁ ଅଧିକ ଆନ୍ଧ୍ର ଚାଲାଣ



ଭୁବନେଶ୍ୱର/କୋରାପୁଟ,୨୯।୯ (ବ୍ୟୁରୋ/ଅପ୍ର): ନିକଟରେ ରାଷ୍ଟ୍ରୀୟ ପଶୁ ଆନୁବଂଶିକ ସଂଶାଧନ ବ୍ୟୁରୋ (ଏନବିଏଜିଆର) ଓଡ଼ିଶାର ଅବିଭକ୍ତ କୋରାପୁଟ ଜିଲ୍ଲାର ମାଳଭୂମି ଅଞ୍ଚଳରେ ଥିବା 'ମଣ୍ଡା' ମଇଁଷିଙ୍କୁ ଦେଶର ୧୯ତମ ମଇଁଷି ପ୍ରଜାତିର ମାନ୍ୟତା ଦେଇଛି। ଏହା ରାଜ୍ୟ ସରକାରଙ୍କ ଏକ ସଫଳତା ବୋଲି ଗଣମାଧ୍ୟମରେ ଢିଣ୍ଢୋରା ପିଟାଗଲା। କିନ୍ତୁ ମାଳଭୂମିର ବାସ୍ତବତା ଭିନ୍ନ। ମଣ୍ଡା ମଇଁଷିଙ୍କ ସଂରକ୍ଷଣ ତ ଦୂରର କଥା ସୁରକ୍ଷା ଦିଗରେ ମଧ୍ୟ କେହି ଯତ୍ନବାନ ନାହାନ୍ତି। ହାଇଦ୍ରାବାଦରେ ମଣ୍ଡା ମାଂସର ଚାହିଦା ଥିବାରୁ ପ୍ରତି ବର୍ଷ ଏହି ପ୍ରଜାତିର ୫ରୁ ୬ ହଜାର ମଇଁଷି ଅବାଧରେ ଆନ୍ଧ୍ରକୁ ଚାଲାଣ କରାଯାଉଛି। ଫଳରେ ଦିନକୁ ଦିନ ଏମାନଙ୍କ ସଂଖ୍ୟା ହ୍ରାସ ପାଉଛି ଏବଂ ଦିନ ଆସିବ ମଣ୍ଡା ମଇଁଷିଙ୍କୁ ଆମେ କେବଳ ନନ୍ଦନକାନନରେ ପର୍ଯ୍ୟଟକଙ୍କ ପାଇଁ ରଖିବାକୁ ବାଧ୍ୟ ହେବା ବୋଲି ଉଦବେଗ ପ୍ରକାଶ କରି କହିଛନ୍ତି ପ୍ରାଣୀପ୍ରେମୀମାନେ।

ମଣ୍ଡା ମଇଁଷିଙ୍କୁ ଜାତୀୟ ମାନ୍ୟତା ଦେବା ପ୍ରକ୍ରିୟା ସହ ଜଡ଼ିତ ଥିବା ରାଜ୍ୟର ଜଣେ ଅଧିକାରୀ କହିଛନ୍ତି, ଜାତୀୟ ମାନ୍ୟତା ମିଳିଥିଲେ ମଧ୍ୟ ରାଜ୍ୟ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ମଣ୍ଡାଙ୍କ ସଂରକ୍ଷଣ ଦିଗରେ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏପରିକି ଗ୍ରାମାଞ୍ଚଳରେ ପଶୁ ପାଳନ ସହ ଜଡ଼ିତ ଥିବା ଚାଷୀମାନଙ୍କର ସୋସାଇଟି ମଧ୍ୟ ଗଠନ ହୋଇନାହିଁ କି ଉତ୍ପାଦିତ କ୍ଷୀରକୁ ବିକ୍ରି କରିବାର ବ୍ୟବସ୍ଥା ନାହିଁ।

- ସ୍ୱତନ୍ତ୍ର ମାନ୍ୟତା ସତ୍ତ୍ୱେ ସଂରକ୍ଷଣ ଚିନ୍ତା ନାହିଁ
- ହାଇଦ୍ରାବାଦରେ ମଣ୍ଡା ମାଂସର ଚାହିଦା
- ଗୋରୁ ଗୋଠ ଭିତରେ ମଣ୍ଡା ଚାଲାଣ
- ମୋଟ ମଣ୍ଡାଙ୍କ ସଂଖ୍ୟା ଲକ୍ଷେରୁ କମ୍

ହାଇଦ୍ରାବାଦର ହୋଟେଲରେ ଜଙ୍ଗଲ ମାଂସର ଚାହିଦା (ପୃଷ୍ଠା-୭)